# ପ୍ରବୀଣା ମହାନ୍ତି

ଜନ୍ମ: (୧୯୫୮-.....) ମସିହା

ଆମ ସମୟର ଯେଉଁ କତିପୟ ସର୍ଜନଶୀଳ ବ୍ୟକ୍ତି ଓଡ଼ିଆ ଉପନ୍ୟାସ ଧାରାକୁ ନିଜ ନିଜର ଅବଦାନରେ ସଚଳ କରି ରଖିଛନ୍ତି, ସେହି ଏକଲବ୍ୟମାନଙ୍କ ମଧ୍ୟରେ ପ୍ରବୀଣା ମହାନ୍ତି ଅନ୍ୟତମ । ତାଙ୍କର ପୁସ୍ତକ -

**ତନୁ ତନିମା ତବସ୍ସୁମ୍,** ପୃଷ୍ଠା-୧୪୮, ପ୍ରକାଶକାଳ- ୨୦୦୮, ମୂଲ୍ୟ: ୭୫ ଟଙ୍କା,

ଝଡ଼ ପ୍ରତ୍ୟେକ ଜୀବନରେ ଆସେ । ହେଲେ ଝଡ଼ ପରେ ସବୁ ଠିକ୍‌ଠାକ୍ ହୋଇଯାଏ ଏମିତି ତ ହୁଏନା । ତେବେ ଏହି ଉପନ୍ୟାସରେ ମନର ଝଡ଼ ଆଉ ତା'ର ପରବର୍ତ୍ତୀ ଅବସ୍ଥା ତନ୍ମୟୀ, ତନିମା ଆଉ ଅନିକେତ ଭିତରେ ଏକ ସୁନ୍ଦର ତ୍ରିଭୁଜ ସୃଷ୍ଟି କରିଛି । ତ୍ରିଭୁଜର କୌଣସି ବାହୁକୁ ବାଦ୍ ଦେଇ ଯେପରି ତ୍ରିଭୁଜର କଳ୍ପନା କରାଯାଇ ପାରି ନଥା'ନ୍ତା, ଉପନ୍ୟାସର ଏହି ତିନି ଚରିତ୍ର ଭିତରୁ କାହାକୁ ବାଦ୍‌ଦେଇ ଏହି ଉପନ୍ୟାସର କାହାଣୀକୁ ଗତିଶୀଳ କରାଯାଇ ପାରି ନଥା'ନ୍ତା । 'ତନ୍ମୟୀ', ତନୁ ଆଉ ତନିମାର ତନୁ କ'ଣ ସମାନ ହୋଇପାରିବେ ? ତନିମାର ଏହି ପ୍ରଶ୍ନର ଉତ୍ତରରେ ଅନିକେତ କହିଛି, 'ଆଉ କାହାପରି ହେବା କ'ଣ ଦରକାର ? ତୁମେ ତୁମ ପରି ହୋଇ ରହିଥାଅ'। ପ୍ରତ୍ୟେକ ଚରିତ୍ର ପାଇଁ ଔପନ୍ୟାସିକାଙ୍କ ଦୃଷ୍ଟିଭଙ୍ଗୀ ସ୍ୱତନ୍ତ୍ର ।